# NATIONAL NEWS BULLETIN (ODIA)

**31 August - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବୟନ ଓ ପୋଷାକ କ୍ଷେତ୍ର ଭାରତର ସାଂସ୍କୃତିକ ଐତିହ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, କହିଲେ ରାଷ୍ଟ୍ରପତି

- କିର୍ଗିଜ୍‌ସ୍ତାନର ବିସ୍‌କେକ୍‌ଠାରେ ଆଜି ୨୬ତମ ଏସ୍‌ସିଓ ବୈଠକରେ ଯୋଗଦେବେ ପ୍ରଧାନମନ୍ତ୍ରୀ

- ନେପାଳ ବନ୍ୟାରେ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ, ୯୦୩କୁ ବୃଦ୍ଧି ପାଇଲା ମୃତ୍ୟୁସଂଖ୍ୟା

- ଭାରତୀୟ ନୌସେନାରେ ସାମିଲ ହେଲା ଆଇଏନ୍‌ଏସ୍ ନିପନ୍

ଏବଂ

- ଏସିଆକପ୍ ମହିଳା ଟି-୨୦ କ୍ରିକେଟ୍‌ରେ ଆଜି ବାଂଲାଦେଶ ଓ ଇଣ୍ଡୋନେସିଆ ମଧ୍ୟରେ ଖେଳାଯିବ ମ୍ୟାଚ୍

---

## ପ୍ରେଜ୍-କନ୍‌ଭୋକେସନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ବୟନ ଓ ପୋଷାକ କ୍ଷେତ୍ର ଭାରତର ସାଂସ୍କୃତିକ ଐତିହ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ଲକ୍ଷଲକ୍ଷ ଲୋକଙ୍କୁ ଏହା ରୋଜଗାର ଯୋଗାଇ ଦେଉଛି । ନୂଆଦିଲ୍ଲୀଠାରେ ନ୍ୟାଶନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ ଟେକ୍ନୋଲୋଜି-ନିଫ୍‌ଟ ର

ସମାବର୍ତ୍ତନ ସମାରୋହକୁ ସମ୍ବୋଧନ କରି ରାଷ୍ଟ୍ରପତି ଏହା କହିଛନ୍ତି । ଦେଶର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ମୂଲ୍ୟବୋଧରେ ସାମିଲ ହୋଇ ଏକ ବିଶ୍ୱ ଦୃଷ୍ଟିକୋଣ ଆପଣାଇବା ପାଇଁ ରାଷ୍ଟ୍ରପତି ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି । ଫ୍ୟାଶନ ଶିଳ୍ପ କ୍ଷେତ୍ରରେ ମହିଳାଙ୍କର ବୃଦ୍ଧିପାଉଥିବା ଭୂମିକା ଉପରେ ଗୁରୁତ୍ୱ ପ୍ରଦାନ କରି ରାଷ୍ଟ୍ରପତି କହିଛନ୍ତି, ଉପସ୍ଥିତ ୪ ହଜାର ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୮୫ ପ୍ରତିଶତ ହେଉଛନ୍ତି ମହିଳା। ଭାରତର ଫ୍ୟାଶନ ଏବଂ ବୟନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରକୁ ବିଶ୍ୱସ୍ତରରେ ପହଞ୍ଚାଇବା ଲାଗି ବ୍ୟାପକ ସୁଯୋଗ ରହିଛି ବୋଲି ରାଷ୍ଟ୍ରପତି କହିଛନ୍ତି । **V/O**

ଜ୍ଞାନ, ଦକ୍ଷତା ଏବଂ ସୃଜନଶୀଳତାକୁ ଉପଯୋଗ କରି ଦେଶର ପାରମ୍ପରିକ ବୟନ ଐତିହ୍ୟକୁ ସମସାମୟିକ ବଜାର ଓ ନୂତନ ପ୍ରଯୁକ୍ତିବିଦ୍ୟା ସହ ସାମିଲ କରିବାକୁ ରାଷ୍ଟ୍ରପତି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ।

**V/O (Prez)**

୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବା କ୍ଷେତ୍ରରେ ନିଜକୁ ସାମିଲ କରିବାକୁ ରାଷ୍ଟ୍ରପତି ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି । ଅନ୍ୟମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ରାଷ୍ଟ୍ରପତି ପରାମର୍ଶ ଦେଇଛନ୍ତି । ଗତ ଚାରିଦଶନ୍ଧି ଧରି ନିଫ୍ଟର ଛାତ୍ର ଛାତ୍ରୀ ଏବଂ ବୃତ୍ତିଧାରୀ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ହାସଲ କରିଥିବା ସଫଳତା ଉପରେ ରାଷ୍ଟ୍ରପତି ଏହି ଅବସରରେ ଆଲୋକପାତ କରିଛନ୍ତି ।

---

## ପିଏମ୍‌-ବିସ୍‌କେକ୍‌ ଭିଜିଟ୍‌

କିରିଗିଜସ୍ତାନକୁ ଦୁଇଦିନିଆ ଗସ୍ତ ଅବସରରେ ପ୍ରଥମ ଦିନରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିସ୍‌କେକ୍‌ଠାରେ ଭାରତର ବନ୍ଧୁ କାର୍ଯ୍ୟକ୍ରମରେ ଭାଗ ନେଇ ଅଂଶଗ୍ରହଣକାରୀଙ୍କ ସହ ଭାବ ବିନିମୟ କରିଛନ୍ତି । ଯୋଗ ଏବଂ ମାନସ ଏକାଡେମୀ ସମେତ ବିଭିନ୍ନ କ୍ଷେତ୍ରରେ ଭାରତ ସହିତ ସହଯୋଗିତାପୂର୍ଣ୍ଣ ଭାବେ କାର୍ଯ୍ୟ କରୁଥିବା ୪ଟି ପ୍ରତିନିଧି ମଣ୍ଡଳୀ ଏହି ଅବସରରେ ଉପସ୍ଥିତ ଥିଲେ । ବିସ୍‌କେକ୍‌ ଠାରେ ଶ୍ରୀ ମୋଦୀ ଏହି ବୈଠକ ପରେ ମହାତ୍ମା ଗାନ୍ଧୀ ସ୍ମାରକୀ ପାର୍କରେ ଅବସ୍ଥିତ ଜାତିର ପିତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଶ୍ରୀ ମୋଦୀ ଆଜି ୨୬ତମ ସାଂଘାଇ ସହଯୋଗ ସଂଗଠନ  ଶିଖର ସମ୍ମିଳନୀରେ ଯୋଗଦେବେ।  ରୁଷ, ଇରାକ, କିରିଗିଜିସ୍ତାନ ଏବଂ ଆର୍ମେନିଆର ରାଷ୍ଟ୍ରମୁଖ୍ୟ ଏହି ବୈଠକରେ ଅଂଶ ଗ୍ରହଣ କରିବେ ।  ଆସନ୍ତାକାଲି ଗସ୍ତର ଶେଷଦିବସରେ ଶ୍ରୀ ମୋଦୀ ଏହି ବୈଠକକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

---

## ନେପାଳ ଫ୍ଲଡ୍‌

ନେପାଳରେ ପ୍ରଳୟଙ୍କରୀ ବନ୍ୟା ପରେ ତ୍ରିଶୁଳି-୩ଏ  ଜଳବିଦ୍ୟୁତ ପ୍ରକଳ୍ପ ଟନେଲ ଭିତରେ ଫସି ରହିଥିବା  ଲୋକଙ୍କୁ ଉଦ୍ଧାର କରିବା ପାଇଁ ପ୍ରୟାସ ଜାରି ରହିଛି । ଭାରତ ଏବଂ ଚୀନର ବିଶେଷଜ୍ଞଙ୍କ ସମେତ ଉଦ୍ଧାରକାରୀମାନେ  ସୁଡ଼ଙ୍ଗ ଭିତରେ ଥିବା ଲୋକମାନଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ସୁଡଙ୍ଗ ଭିତରୁ କୌଣସି ପ୍ରତିକ୍ରିୟା ମିଳିନାହିଁ । ବିଭିନ୍ନ ଜଳବିଦ୍ୟୁତ ପ୍ରକଳ୍ପ ଅଞ୍ଚଳରେ

ଅତିକମ୍‌ରେ ୯୩୩ ଜଣ ଶ୍ରମିକ ଅଟକି ରହିଥିବା ଅନୁମାନ କରାଯାଇଛି । ଗତ ବୁଧବାର ନେପାଳରେ ହୋଇଥିବା ବନ୍ୟାରେ ୯୦୩ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୪ହଜାର ୨୪୭ରୁ ଅଧିକ ଲୋକ ନିଖୋଜ ଅଛନ୍ତି। ତିବ୍ବତରେ, ସରକାରୀ ଭାବେ ମୃତ୍ୟୁ ସଂଖ୍ୟା ୧୬ ଥିବା ବେଳେ ୫୪୬ ଜଣ ନିଖୋଜ ଥିବା କୁହାଯାଇଛି ।

ନିଖୋଜ ଲୋକଙ୍କୁ ଖୋଜିବା ଏବଂ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାରକାରୀମାନେ ନିରନ୍ତର ଉଦ୍ୟମ ଜାରି ରଖିଛନ୍ତି । ନେପାଳର ସମସ୍ତ ଆଠଟି ପ୍ରଭାବିତ ଜିଲ୍ଲାରୁ ମୃତଦେହ ଉଦ୍ଧାର କରାଯାଇଛି। ତ୍ରିଶୁଳି ନଦୀରେ ପୁଣି ବନ୍ୟା ଯୋଗୁଁ କେନ୍ଦ୍ରୀୟ ନେପାଳରେ ଏକ ଝୁଲା ପୋଲ ଭାସି ଯାଇଛି। ପ୍ରାୟ ତିନି ଘଣ୍ଟା ଧରି ଚାଲିଥିବା ବନ୍ୟା ସକାଳ ପ୍ରାୟ ୧୧.୩୦ ସମୟରେ ପୋଲଟିକୁ ଭସାଇ ନେଇଥିଲା। ଏହା ପୂର୍ବରୁ, ଅଗଷ୍ଟ ୨୬ ତାରିଖରେ ଆସିଥିବା ଭୟଙ୍କର ବନ୍ୟା କାଠମାଣ୍ଡୁରୁ ଅଳ୍ପ ଦୂରରେ ଧାଓ୍ୱାଡିଘାଟରେ ଏକ ପୋଲକୁ ମଧ୍ୟ ଭସାଇ ନେଇଥିଲା।

ଅନ୍ୟପକ୍ଷରେ ଭାରତରୁ ପଠାଯାଇଥିବା ଏକ ସ୍ୱତନ୍ତ୍ର ସୁଡ଼ଙ୍ଗ ଉଦ୍ଧାରକାରୀ ଦଳ ଚିଲିମେ ଏବଂ ଲାଙ୍ଗଟାଙ୍ଗ ଅଞ୍ଚଳର ଜଳବିଦ୍ୟୁତ ସୁଡ଼ଙ୍ଗ ସ୍ଥାନରେ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ନେପାଳୀ ସେନା ସହିତ କାର୍ଯ୍ୟ କରୁଛି। ନେପାଳରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ନବୀନ ଶ୍ରୀବାସ୍ତବ କହିଛନ୍ତି ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ଭାରତୀୟ ଉଦ୍ଧାରକାରୀମାନେ ନେପାଳୀ ସେନା ସହିତ ସମନ୍ୱୟ ରକ୍ଷାକରି ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି ।

---

## ଆଇଏନ୍ଏସ୍ ନିପନ କମିଶନ

ଭାରତୀୟ ନୌସେନାରେ ଆଜି ଆଇଏନ୍ଏସ୍ ନିପନ୍ ଜାହାଜକୁ ସାମିଲ କରାଯାଇଛି । ମୁମ୍ବାଇସ୍ଥିତ ନୌସେନା ଡକ୍ୟାର୍ଡରେ ନିଷ୍ଟର୍କ୍ଲସ୍‌ର ଦ୍ୱିତୀୟ ଡାଇଭିଂ ସପୋର୍ଟ ଜାହାଜ ଭାବେ ଏହି ଜାହାଜକୁ ଜଳାବତର କରାଯାଇଛି । କାର୍ଯ୍ୟକ୍ରମରେ ଯୋଗଦେଇ ନୌସେନା ମୁଖ୍ୟ ଆଡ୍‌ମିରାଲ୍ କୃଷ୍ଣ ସ୍ୱାମୀନାଥନ୍ କହିଛନ୍ତି, ଏହି ଜାହାଜ ସାମିଲ ହେବା ଦ୍ୱାରା ଭାରତୀୟ ନୌସେନାର ଦକ୍ଷତା ବୃଦ୍ଧି ପାଇଛି । ରଣନୈତିକ ପରିବର୍ତ୍ତନ କ୍ଷେତ୍ରରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଡାଇଭିଂ ସପୋର୍ଟ ଏବଂ ଉଦ୍ଧାର କାର୍ଯ୍ୟରେ ଏହି ଜାହାଜ ଉପଯୋଗୀ ସାବ୍ୟସ୍ତ ହେବ । ବିଶାଖାପଟନମ୍‌ସ୍ଥିତ ହିନ୍ଦୁସ୍ଥାନ ସିପ୍‌ୟାର୍ଡ ଲିମିଟେଡ୍ ଦ୍ୱାରା ସ୍ୱଦେଶୀ ଭାବରେ ଏହି ଜାହାଜକୁ ପ୍ରସ୍ତୁତ କରାଯାଇଛି । ଦୀର୍ଘ ସମୟ ଧରି ସମୁଦ୍ରରେ ରହିବା ସହ ଜଟିଳ ଏବଂ ସ୍ୱତନ୍ତ୍ର କାର୍ଯ୍ୟ ସମ୍ପାଦନ କରିବାରେ ଏହି ଜାହାଜ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ୧୧୯ ମିଟର ଲମ୍ବ ଓ ୨୨ ଦଶମିକ ୮ ମିଟର ଓସାର ବିଶିଷ୍ଟ ଏହି ଜାହାଜର ଓଜନ ପ୍ରାୟ ୧୦ ହଜାର ୫୦୦ ଟନ୍ ।

---

## ବୈଷ୍ଣବ ସେମିକନ୍

ଭବିଷ୍ୟତରେ ବିଶ୍ୱ ସେମିକନ୍ ମୂଲ୍ୟ ଶୃଙ୍ଖଳରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି । ନୂଆଦିଲ୍ଲୀଠାରେ ଆଜି ଗଣମାଧ୍ୟମକୁ ସମ୍ବୋଧନ କରି ସେ କହିଛନ୍ତି, ଏହି କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି ।

ଆଗାମୀ ଦଶନ୍ଧିରେ ଭାରତ ସେମିକଣ୍ଡକ୍ଟର କ୍ଷେତ୍ରରେ ଏକ ଉତ୍କୃଷ୍ଟ ନିବେଶସ୍ଥଳୀ ଭାବେ ପରିଗଣିତ ହେବ ବୋଲି ଶ୍ରୀ ବୈଷ୍ଣବ ଆଶା ବ୍ୟକ୍ତ କରିଛନ୍ତି। ଭାରତ ଦକ୍ଷ ମାନବ ସମ୍ବଳ, ନୀତିଗତ ଦୃଢ଼ ନିଷ୍ପତ୍ତି ଏବଂ କାର୍ଯ୍ୟକରିବାର ସହଜତା ସେମିକଣ୍ଡକ୍ଟର କ୍ଷେତ୍ରରେ ଉତ୍ପାଦନ ଓ ପ୍ରସ୍ତୁତିକୁ ଅଧିକ ବ୍ୟାପକ କରିପାରିବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ସେମିକନ୍ ଇଣ୍ଡିଆ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟର ସମସ୍ତ ୬ଟି ପ୍ରସଙ୍ଗ ଆଧାରିତ ବିଜ୍ଞପ୍ତି ଆଜି ଶ୍ରୀ ବୈଷ୍ଣବ ପ୍ରକାଶ କରିଛନ୍ତି ।

---

## ଓ୍ୱିମେନ୍ କ୍ରିକେଟ୍

ଏସିଆ କପ୍ ମହିଳା ଟି-୨୦ କ୍ରିକେଟରେ ଆଜି ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍‌ରେ ବାଂଲାଦେଶ ଓ ଇଣ୍ଡୋନେସିଆ ପରସ୍ପରକୁ ଭେଟିବେ । ଦୁବାଇଠାରେ ଭାରତୀୟ ସମୟ ରାତି ୮ଟାରେ ମ୍ୟାଚ୍ ଆରମ୍ଭ ହେବ ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ଭାରତ' ଥାଇଲ୍ୟାଣ୍ଡକୁ ୯୪ ରନରେ ପରାସ୍ତ କରିଛି । ଏହି ବିଜୟ ସହ ଭାରତ ୨ ପଏଣ୍ଟ ହାସଲ କରିଛି ।

## ଟେନିସ୍-ୟୁଏସ୍ ଓପନ

ୟୁଏସ୍ ଓପନ୍ ଟେନିସ୍ ପ୍ରତିଯୋଗିତାରେ ନୋଭାକ୍ ଜୋକୋଭିକ୍ ପ୍ରଥମ ରାଉଣ୍ଡରେ ପରାସ୍ତ ହୋଇଛନ୍ତି । ନିଉୟର୍କର ଆର୍ଥର ଆସେ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଜୋକୋଭିକ୍ ଆର୍ଜେଣ୍ଟିନାର ମାରିଆନୋ ନାଭୋନିଙ୍କଠାରୁ ପରାସ୍ତ ହୋଇଛନ୍ତି । ଜୀବନର ୨୫ତମ

ଟାଇଟଲ୍ ହାସଲ କରିବାକୁ ଲକ୍ଷ୍ୟ ରଖିଥିବା ଜୋକୋଭିକ୍ଙ୍କର ଏହି ପରାଜୟ ସହ ଆଶା ଧୂଳିସାତ ହୋଇଯାଇଛି ।

## ୱେଦର

ଓଡ଼ିଶା ଏବଂ ଛତିଶଗଡ଼ରେ ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଛି । ଆସନ୍ତାକାଲି ପର୍ଯ୍ୟନ୍ତ ବିହାର, ଉତ୍ତରପ୍ରଦେଶର ପୂର୍ବଭାଗ, ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶର ପୂର୍ବଭାଗ, ଝାଡ଼ଖଣ୍ଡ ଏବଂ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଓଡ଼ିଶା ସମେତ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗର ଗାଙ୍ଗେୟ ଅଞ୍ଚଳ, ତାମିଲନାଡୁ, ପୁଡୁଚେରୀ ଏବଂ କରେଇକାଲ୍‌ଠାରେ ଆସନ୍ତାକାଲି ପର୍ଯ୍ୟନ୍ତ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ କହିଛି । କର୍ଣ୍ଣାଟକ, କେରଳମ୍, ମାହେ, ଲାକ୍ଷାଦ୍ୱୀପ, ପଶ୍ଚିମବଙ୍ଗର ଉପହିମାଳୟ ଅଞ୍ଚଳ, ସିକିମ୍, ତେଲଙ୍ଗାନା ଏବଂ ମରାଠାୱାଡାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି ।

## ଓଡ଼ିଶା ଫ୍ଲଡ୍

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ତତ୍‌ସଂଲଗ୍ନ ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶା ଉପକୂଳରେ ସୃଷ୍ଟ ଲଘୁଚାପ କ୍ଷେତ୍ର ପ୍ରଭାବରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ପଶ୍ଚିମ, ଉତ୍ତର-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି । ରାଜ୍ୟର ପଶ୍ଚିମାଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି । ବରଗଡ଼ ଜିଲ୍ଲାରେ

ବିଦ୍ୟାଳୟଗୁଡ଼ିକୁ ଆଜି ବନ୍ଦ ରଖାଯାଇଛି । ଆଗାମୀ କିଛିଦିନ ପର୍ଯ୍ୟନ୍ତ ରାଜ୍ୟରେ ବର୍ଷା ଲାଗି ରହିବ ବୋଲି ଭୁବନେଶ୍ୱରସ୍ଥି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି । ସମ୍ଭାବ୍ୟ ବନ୍ୟା ପରିସ୍ଥିତି ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ କଡ଼ା ନଜର ରଖାଯାଇଛି । ବୈତରଣୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ନଦୀ ଜଳସ୍ତର ବିପଦ ସଂକେତ ତଳେ ରହିଥିବା ଜଣାପଡ଼ିଛି ।

ଅନ୍ୟପକ୍ଷରେ ନେପାଳ ବନ୍ୟା ଏବଂ ପ୍ରବଳ ବର୍ଷା ଯୋଗୁଁ ବିହାରର ଗଣ୍ଡକ ଓ କୋଶୀ ନଦରେ ଜଳସ୍ତର ବୃଦ୍ଧି ପାଇଛି । କୋଶୀର ବାଲ୍ମୀକି ନଗର ବ୍ୟାରେଜ୍‌ରେ ସମସ୍ତ ୩୬ଟିଯାକ ଗେଟ୍ ଖୋଲା ରଖାଯାଇଛି । ବୀରପୁର ବ୍ୟାରେଜ୍‌ର ୫୬ଟି ୨୫ଟି ଗେଟ୍ ଖୋଲାଯାଇ ଜଳ ନିଷ୍କାସନ କରାଯାଇଛି ।

---